# CBSE
# Sample Question Paper, 2026-27
# CLASS-XII
## ODIA (113)

Time Allowed-3Hrs Maximum Marks-80

**General Instruction:**

1. The Question Paper has total 14 questions and 7 printed pages.
2. It is divided into 4 Sections: -
   - Section -A: Question No. 1 - 01 Question- 10 Marks
   - Section -B: Question No. 2 and 3 - 02 Questions- 12 Marks
   - Section -C: Question No. 4 to 7 - 04 Questions- 10 Marks
   - Section -D: Question No. 8 to 14 - 07 Questions- 48 Marks
3. Attempt the questions as per specific instruction.
4. Write down the serial number of the questions in the answer book before attempting it.
5. 15 minutes time has been allotted to read this question paper. The question paper will be distributed at 10.15 am. From 10.15 am to 10.30 am, the students will read the question paper only and will not write any answer on the answer book during this period.

## SECTION-A

1. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5 x 2 = 10

ସ୍ରଷ୍ଟାଙ୍କ ସୃଷ୍ଟି ଅତ୍ୟନ୍ତ ବିଚିତ୍ର, ମନୋମୁଗ୍ଧକର ତଥା ରହସ୍ୟମୟ । ଏହି ରହସ୍ୟକୁ ଉନ୍ମୋଚନ କରିବା ନିମନ୍ତେ ସ୍ରଷ୍ଟାଙ୍କ ଶ୍ରେଷ୍ଠ ସୃଷ୍ଟିରୂପେ ବିବେଚିତ ମନୁଷ୍ୟ ସର୍ବଦା ପ୍ରୟାସ କରିଆସିଛି । ଅଭିଳଷିତ ବସ୍ତୁର ପ୍ରାପ୍ତି ନିମନ୍ତେ ଗ୍ରହରୁ ଗ୍ରହାନ୍ତରକୁ ଯାତ୍ରା କରିଛି । ମର୍ତ୍ତ୍ୟରୁ ଆରମ୍ଭ କରି ଆକାଶ ପାତାଳ ତନ୍ନତନ୍ନ କରି ଘାଣ୍ଟିପକାଇଛି । ବେଳେବେଳେ ଅଭିଳଷିତ ବସ୍ତୁର ପ୍ରାପ୍ତିରେ ଉତ୍‌ଫୁଲ୍ଲିତ ହୋଇଉଠିଛି ତ କେତେବେଳେ ଅପ୍ରାପ୍ତିର ଗ୍ଲାନିରେ ସମ୍ପୂର୍ଣ୍ଣରୂପେ ଭାଙ୍ଗିପଡ଼ି ପୁଣି ଉଠିବାକୁ ଚେଷ୍ଟା କରି ଖୋଜିବା ଆରମ୍ଭ କରିଛି । କାରଣ ମନୁଷ୍ୟ ପକ୍ଷରେ ତା'ର ଜୀବନ ଭଳି ଏତେ ପ୍ରିୟ ଆଉ କୌଣସି ପଦାର୍ଥ ନାହିଁ । ଜୀବନ ହେଉଛି ବାସ୍ତବ । ଜୀବନରେ ଦୁଃଖ ଯନ୍ତ୍ରଣା ସହିତ ମୃତ୍ୟୁ ଯେ ନିଶ୍ଚିତ, ଏକଥା ଜାଣିଲେ ମଧ୍ୟ ଜୀବନକୁ ତ୍ୟାଗ କରାଯାଇ ନପାରେ । ଜୀବନ ବର୍ଜ୍ୟବସ୍ତୁ ନୁହେଁ । ଜାବନ ଆନନ୍ଦଦାୟକ ହେଉ ଅବା ଦୁଃଖଦାୟକ ହେଉ ଆମେ ପ୍ରତି ମୁହୂର୍ତ୍ତରେ ଜୀବନର ବାସ୍ତବତାକୁ ଅନୁଭବ ତଥା ଗ୍ରହଣ କରିବା ଉଚିତ୍ । ଏହି ସୁନ୍ଦର ସୃଷ୍ଟିରେ ଯେଉଁମାନେ

କେବଳ ଦୁଃଖ ଓ ଯନ୍ତ୍ରଣାକୁ ଦେଖନ୍ତି, ସେମାନେ ଜୀବନର ବାସ୍ତବତାକୁ ତଥା ଜୀବନର ପ୍ରକୃତ ଆନନ୍ଦକୁ ଅନୁଭବ କରିପାରନ୍ତି ନାହିଁ । ଅପରପକ୍ଷରେ ଯେଉଁମାନେ ଏହି ଦୁଃଖ ଓ ଯନ୍ତ୍ରଣାକୁ ଉପେକ୍ଷା କରିବାର ସାମର୍ଥ୍ୟ ରଖନ୍ତି, ସେହିମାନେ ହିଁ ଏ ସମାଜରେ ସାଧୁ ବା ମହାତ୍ମା ରୂପେ ପୂଜା ପାଇଥା'ନ୍ତି ।

(i) ବ୍ୟକ୍ତିମାନଙ୍କୁ ମହାତ୍ମା ରୂପେ ପୂଜା କରିବାର କାରଣ କ'ଣ?

(ii) ସ୍ରଷ୍ଟାଙ୍କ ସୃଷ୍ଟିକୁ କିପରି ପ୍ରକାଶ କରାଯାଇଛି?

(iii) ମଣିଷ କେଉଁ ବସ୍ତୁ ପାଇଲେ ଉତ୍‌ଫୁଲ୍ଲିତ ହୋଇଉଠେ?

(iv) ଜୀବନକୁ କାହିଁକି ତ୍ୟାଗ କରାଯାଇପାରେ ନାହିଁ?

(v) ମନୁଷ୍ୟ ଜୀବନର ପ୍ରକୃତ ଆନନ୍ଦକୁ କେଉଁମାନେ ଅନୁଭବ କରିପାରନ୍ତି ନାହିଁ?

## SECTION-B

2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । 1 x 6 = 6

(i) ଆଦର୍ଶ ବିଦ୍ୟାର୍ଥୀ ଓ ଦେଶପ୍ରେମ

(ii) ସୁସ୍ଥ ପରିବେଶ ସୁସ୍ଥ ଜୀବନ

(iii) ପଞ୍ଚାୟତିରାଜ ବ୍ୟବସ୍ଥା

3. ତୁମ ଅଞ୍ଚଳରେ ଥିବା ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷା ସୁବିଧାମାନ ଯୋଗାଇଦେବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ । 1 x 6 = 6

OR (କିମ୍ବା)

ତୁମ ଅଞ୍ଚଳରେ ଡେଙ୍ଗୁ ନିରାକରଣ ନିମନ୍ତେ ଜନ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଅନୁରୋଧ ଜଣାଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦରଖାସ୍ତ ଲେଖ ।

(ବି:ଦ୍ର:- ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION-C

4. ନିମ୍ନ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ସୂଚାଉଥିବା ଶବ୍ଦ ଲେଖ (ଯେକୌଣସି 3ଟିର)। 3 x 1 = 3

(i) ଉତ୍ସାହ

(ii) ଜୁଆର

(iii) ପାଣିଆ

(iv) ଆକର୍ଷଣ

5. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ କରି ଲେଖ । (ଯେକୌଣସି 3ଟିର) 3 x 1 = 3

(i) ତେଜସ୍ୱି

(ii) ନିର୍ଦ୍ଧନୀ

(iii) ଧୃବ

(iv) ପରିଛଦ

6. ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।(ଯେକୌଣସି 2ଟିର) 2 x 1 = 2

(i) ସୁର-ସୂର

(ii) ପ୍ରସାଦ-ପ୍ରାସାଦ

(iii) ଭୀତି-ଭିତ୍ତି

7. ଏକ ପଦରେ ଲେଖ । (ଯେକୌଣସି 2ଟିର) 2 x 1 = 2

(i) କରିବାର ଇଚ୍ଛା-

(ii) ବିଘ୍ନର ଅଭାବ-

(iii) ଦ୍ରୁପଦଙ୍କ କନ୍ୟା-

## SECTION-D

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1ଟିର) 1 x 5 = 5

(i) ପୈତୃକ ଧନରାଶି ସଙ୍ଗେ ସ୍ୱୋପାର୍ଜିତ ସମ୍ପତ୍ତି ଯୋଗ କରିବା ହିଁ ସୁସନ୍ତାନ ଓ ସୁପିତାର କାର୍ଯ୍ୟ ।

(ii) ଯେଉଁ ଦେଶର ମୌଳିକ ପୁସ୍ତକ ଲେଖା ହୋଇପାରିବ ନାହିଁ, ସେ ଦେଶରେ କ'ଣ ମୌଳିକ ଚିନ୍ତନର ସ୍ଫୁରଣ ହୋଇପାରିବ?

9. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3ଟିର) 3 x 2 = 6

(i) ଇତିହାସ ପାଠକରିବା ସମୟରେ କେଉଁ ସବୁ କଥା ଆମ ଜୀବନର ବ୍ୟାପାର ତୁଲ୍ୟ ପ୍ରତିଭାତ ହୁଏ?

(ii) ବାରିବାହର ଭୀମରୂପ ଦେଖି କେଉଁମାନେ ବାତାୟନ ପଥ ଛାଡ଼ି ପଳାଇଯିବେ ବୋଲି କୁହାଯାଇଛି?

(iii) ଲେଖକ ଗଣତନ୍ତ୍ରକୁ କାହିଁକି ଦୋଷୀ କରିନାହାନ୍ତି?

(iv) ଆଗର ମାଟ୍ରିକ୍ୟୁଲେସନ୍ ପାସ୍ ଲୋକେ ଓ ଆଜିର ବି.ଏ. ଛାତ୍ରଙ୍କ ମଧ୍ୟରେ କ'ଣ ପାର୍ଥକ୍ୟ ଦେଖାଯାଏ?

(v) "ଉତ୍କଳ କମଳର କେଶର" ବୋଲି କାହାକୁ କୁହାଯାଇଛି?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । 10 x 1 = 10

(i) କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମଣିଷ ଜୀବନର ମୂଲ୍ୟ କିଛି ରହେ ନାହିଁ?

| | | | |
|---|---|---|---|
| (A) | ଅନନ୍ତ ଅତୀତ | (B) | ବର୍ତ୍ତମାନ |
| (C) | ଆଧ୍ୟାତ୍ମିକ | (D) | ବୈଷୟିକ |

(ii) କାହାକୁ ଦ୍ୱିତୀୟ ଶିକ୍ଷକ ବୋଲି କୁହାଯାଇଛି ?

| | | | |
|---|---|---|---|
| (A) | ବେଦ | (B) | ଇତିହାସ |
| (C) | ବାଇବେଲ | (D) | କୋରାନ |

(iii) କାହାର ସ୍ନିଗ୍ଧ କଜ୍ଜଳ କାନ୍ତି ପୁଷ୍ପପୁରରେ ନେତ୍ରୋତ୍ସବ ସୃଷ୍ଟି କରିଛି?

| | | | |
|---|---|---|---|
| (A) | ପ୍ରକୃତି | (B) | ଦୂରବନ୍ଧୁ |
| (C) | ବାରିବାହ | (D) | ଅଳକାପୁରୀ |

ଅଧିକାର ତଥା କର୍ତ୍ତବ୍ୟଜ୍ଞାନ ସମ୍ବନ୍ଧରେ ଅଜ୍ଞ ଦେଶର ଜନତା ଉପରେ ଗୁଣ ଅପେକ୍ଷା କ'ଣ ବିଶେଷ କାମ କରେ?

| | | | |
|---|---|---|---|
| (A) | ଘୋଷଣା | (B) | ରାଜକୀୟ ଢ଼ଙ୍ଗ |
| (C) | ସାଧୁତା | (D) | ପ୍ରୋପାଗଣ୍ଡା |

(v) କାହାର କୋଳାହଳ ପାଇଁ ନୀଳାଚଳନାଥଙ୍କ କାନରେ ଭକ୍ତର କାତର ଡାକ ପଡ଼େନାହିଁ?

| | | | |
|---|---|---|---|
| (A) | ପ୍ରଭଞ୍ଜନ | (B) | ଝାଉଁବଣ |
| (C) | ଜନତା | (D) | ସିନ୍ଧୁ |

(vi) ଭାରତରେ ସାମାଜିକ ନ୍ୟାୟର ସ୍ୱରୂପ କିପରି?

| | | | |
|---|---|---|---|
| (A) | ଢୋଲ ଭିତରେ ମୂଷା ପରି | (B) | ବାପାରାଣ ଢେଙ୍କିଗିଳ ପରି |
| (C) | ଲଙ୍କାରେ ହରିଶନ୍ଦ ପରି | (D) | ଉଷୁନାଧାନ ଗଜା ହେବା ପରି |

(vii) ପ୍ରାବନ୍ଧିକଙ୍କ କେଉଁ ପୁସ୍ତକରୁ 'ତିନିତୁଣ୍ଡରେ' ପ୍ରବନ୍ଧଟି ସଂଗୃହୀତ ହୋଇଛି?

| | | | |
|---|---|---|---|
| (A) | କହି ନଜାଣେ | (B) | ଶୁଣ ପରୀକ୍ଷ |
| (C) | କଥା ଓ ଲଥା | (D) | ଆନସାରୀ ଚାଚା |

(viii) ଆଞ୍ଚଳିକ ସଭାରେ କେଉଁ ବିଷୟକୁ ସବା ଉପରେ ବିଚାର ପାଇଁ ରଖାଯାଇଥିଲା?

| | | | |
|---|---|---|---|
| (A) | କୃଷି | (B) | ଶିକ୍ଷା |
| (C) | ବାଣିଜ୍ୟ | (D) | ଶିଳ୍ପ |

(ix) କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ?

| | | | |
|---|---|---|---|
| (A) | ବିଧାତା | (B) | ଜନତା |
| (C) | ଲୋକତନ୍ତ୍ର | (D) | ଗଣତନ୍ତ୍ର |

(x) କେଉଁମାନେ ତାଳଗଛକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁକୁ ଏ ଦେଶରୁ ଘଉଡ଼ାଉଥିଲେ?

| | | | |
|---|---|---|---|
| (A) | ଭାରତୀୟମାନେ | (B) | ବ୍ରିଟିଶମାନେ |
| (C) | ସ୍ୱାଧୀନତା ସଂଗ୍ରାମୀମାନେ | (D) | ବିଦ୍ରୋହୀମାନେ |

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1ଟିର) 1 x 5 = 5

(i) ସରଗର ମୁହିଁ ଅମର କନ୍ୟା, ମୁହିଁ ନାରୀ ମୁହିଁ ଦେବୀ
ପୁଣ୍ୟ ମରତେ ପତିତା ସାଜିଲି ଘୃଣ୍ୟ ଜୀବନ ସେବି ।

(ii) ଯମଦୂତ ହୃଦେ କରୁଣା କାହୁଁ ବସିବ ତିଳେ
ଅଧିକ ନକହି ମର୍ଯ୍ୟାଦା ଜଗି ପଶିବି ବିଳେ ।

12. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3ଟିର) 3 x 2 = 6

(i) ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରାଉଥିଲେ?

(ii) "ମୁହିଁ ତପସ୍ୱିନୀ ମୋତେ ନକରିବ ହେୟ"- ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି?

(iii) ଉଚ୍ଚତର ଗତି କିପରି ଲାଭ କରାଯାଇପାରେ ବୋଲି କବି କହିଛନ୍ତି?

(iv) ସୂର୍ଯ୍ୟଙ୍କ ବିଦାୟକାଳୀନ ଦୃଶ୍ୟ କିପରି ଥିଲା?

(v) କବି ମନୁଷ୍ୟ ପୁତ୍ରକୁ ଦଗ୍ଧ ହେବାପାଇଁ କାହିଁକି କହିଛନ୍ତି?

13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । 10 x 1 = 10

(i) ମୃତ୍ୟୁ ବହୁ ଦୂରରେ ଅଛି ବୋଲି ମନେକରି ଯିଏ ହସୁଥାଏ ତା'ର କିପରି ଗତି ଘଟେ?

(A) ତା' ଜୀବନ ଦୀର୍ଘସ୍ଥାୟୀ ହୋଇଯାଏ
(B) ମୃତ୍ୟୁ ଭୟ ଲୋପ ପାଇଯାଏ
(C) ଆନନ୍ଦରେ ରହେ
(D) ହସିହସି ମୃତ୍ୟୁ ତା' ପଛରେ ଆସି ବସିଯାଏ

(ii) ସ୍କନ୍ଦର କାହିଁକି କାନ୍ଦୁଥିଲେ?

(A) ସୈନ୍ୟମାନେ ତାଙ୍କ କଥା ଶୁଣୁନଥିଲେ
(B) ତାଙ୍କ ଶରୀର ରୋଗାକ୍ରାନ୍ତ ହୋଇଯାଇଥିଲା
(C) ଜିଣିବାକୁ ଆଉ ଧରାଖଣ୍ଡ ନଥିବାରୁ
(D) ଯୁଦ୍ଧ କରିବାକୁ ସେ କ୍ଷମ ନଥିବାରୁ

(iii) କାହାକୁ ଦେଖି ସୀତାଙ୍କର ପତ୍ରଲିଖନ ବନ୍ଦ ହୋଇଗଲା?

(A) ବାଲ୍ମୀକି
(B) ଲବକୁଶଙ୍କ ହସହସ ମୁହଁ
(C) ଆଶ୍ରମବାସୀ
(D) ରାମଚନ୍ଦ୍ରଙ୍କ ଦୂତ

(iv) 'ବନ୍ଦୀର ବିରହ ବ୍ୟଥା' କବିତାଟି କେଉଁ କବିତା ସଂକଳନରୁ ଉଦ୍ଧୃତ?

(A) କାରାକବିତା
(B) ଧର୍ମପଦ
(C) ବନ୍ଦୀର ଆତ୍ମକଥା
(D) ଅବକାଶ ଚିନ୍ତା

(v) ସୀତାଙ୍କ ହୃଦୟ କାହିଁକି ହାଣି ହୋଇଯାଉଥିଲା?

(A) ରାମଚନ୍ଦ୍ରଙ୍କ ଗତ ଦୁଃଖର କାହାଣୀ ଶୁଣିବାରୁ
(B) ଶିଶୁଦ୍ୱୟଙ୍କ କ୍ରନ୍ଦନ କାରଣରୁ
(C) ଜନକଙ୍କ ଅସୁସ୍ଥତା ହେତୁ
(D) ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ ଆୟୋଜନ ଶୁଣି

(vi) ପ୍ରଣୟ ପୀୟୂଷରେ କ'ଣ ମିଶିଛି?

(A) ମିଳନ ଅମୃତ
(B) ବିରହର ବିଷ
(C) ପ୍ରତିକ୍ରିୟାର ହଳାହଳ
(D) ନିର୍ଯାତନାର କୁଟିଳତା

(vii) ଶତାବ୍ଦୀର ସିଂହଦ୍ୱାରରୁ ଦୂତ କାହାର ବର ଆଣିଛି?

(A) ଜମିଦାର (B) ମହାଜନ
(C) ଦେବତା (D) ଭବିଷ୍ୟତ

(viii) "ମରତ ପଥର ଅମର ବନ୍ଧୁ ଅନ୍ତର ବିମୋହନ"- କାହା ଉଦ୍ଦେଶ୍ୟରେ କୁହାଯାଇଛି?

(A) ପିଙ୍ଗଳାର ପ୍ରେମିକ (B) ଧନିକ ଯୁବକ
(C) ରସିକ ନାଗର (D) ପରମ ପୁରୁଷ

(ix) 'ବାର୍ତ୍ତା' କବିତାରେ କବି କାହାର ସାଧନା ଜୟଲାଭ କରୁବୋଲି କହିଛନ୍ତି?

(A) ଉତ୍ପୀଡ଼ନ (B) ଶିକ୍ଷାର
(C) ବ୍ରହ୍ମଜ୍ଞାନ (D) କ୍ରୁଶ୍

(x) ଉଦ୍ଧରିତ ପିଙ୍ଗଳା କେଉଁଠି ଶୋଇବ ବୋଲି କହିଛି?

(A) ତୂଳିତଳ୍ପ ଶଯ୍ୟାରେ (B) ପଥରର ଚଟାଣରେ
(C) ଧରଣୀର ତୃଣତଳ୍ପରେ (D) ଫୁଲଶଯ୍ୟାରେ

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3ଟିର) 3 x 2 = 6

(i) ମେନେଜର ହରିବୋଲବାବୁ ଖର୍ଚ୍ଚଟଙ୍କାର ହିସାବ ଦେଇ ନଥିଲେ କାହିଁକି?

(ii) ରାୟବାହାଦୁରଙ୍କ ନିଦ କାହିଁକି ଭାଙ୍ଗିଯାଇଥିଲା?

(iii) ଏ ଜାତିକୁ ଜାଗ୍ରତ କରିବାକୁ ହେବ ବୋଲି ଅଶୋକ ମାଷ୍ଟରଜୀଙ୍କୁ କାହିଁକି କହିଛନ୍ତି?

(iv) କଚ୍ଛପଟି କାହିଁକି ନିଜ ଭାଗ୍ୟକୁ ଧିକ୍‌କାର କରୁଥିଲା?

(v) ଦିଗନ୍ତ ପ୍ରତି ଦୃଷ୍ଟିପାତ କରି କମ୍ବୁଗ୍ରୀବ କ'ଣ ଭାବୁଥିଲା?

****